# ଅଭିସାର

ମୋ ମନର ଆକାଶରେ
ତୁମ ପରି ଅନେକ ଜହ୍ନର
ଅଭିସାର ରଚିବାକୁ
ନୀଳକଇଁ ହେବ ତରତର ।

କାହିଁ ଜହ୍ନ କାହିଁ କଇଁ
ବ୍ୟବଧାନ ଅନେକ ଦୂରର
ସଂପର୍କର ପୂର୍ଣ୍ଣଛେଦ
ଟାଣିବାଟା ଦୁରୂହ ମାତର ।

ସୂରୁଜ ନାଲି ମୁରୁଜ
ଯେବେ ବିଛେ ପୂରୁବ ଆକାଶେ
ଲଜ୍ୟାବତୀ ସୂର୍ଯ୍ୟମୁଖୀ
ଆଖି ଖୋଲି ମିଠାମିଠା ହସେ ।

ତଡ଼ାଗେ ପରାଗରେଣୁ
ବୋଳିହୋଇ କମଳିନୀ ରଂଗେ
ଲୁଚକାଳି ଖେଳୁଥାଏ
ସତେ ଅବା ତପନର ସଂଗେ ।

ଭଲ ପାଇବାର ରୀତି
ସତେ ଅବା ଏଠାରେ ଜୀବନ୍ତ
ଥରେ ମନେ ଦେଲେ ଧରା
ନ ଦେଇକେ ରହିବ ଏକାନ୍ତ ।

ପ୍ରେମ ଦୁଇଟି ଅକ୍ଷର
କାହାପାଇଁ ମିଠା ଆଉ ପିତା
ପ୍ରେମ କରିହୁଏ ନାହିଁ
ଆପେ ଆପେ ହୋଇଯାଏ ସେଟା।

ପ୍ରେମର ଭାଷା ଅଲଗା
ନ ରୁଚିବା ପ୍ରେମର ଲକ୍ଷଣ
ଯିଏ ନେଇ ଥୋଇପାରେ
ସିଏ ଏକା ପ୍ରେମିକ ରତନ ।

ପ୍ରେମକୁ ଜୁହାର ତୁମ
ପ୍ରେମ କଲା ରୀତିକୁ ଜୁହାର
ପ୍ରେମ ଭାଷା ବୁଝୁଥିବା
ମୋର ପ୍ରେମବତୀକୁ ଜୁହାର ।